## ସିମ୍‌ବକ୍ସ ଜବତ ଘଟଣାକୁ ୬ ବର୍ଷ

# କ୍ରାଇମବ୍ରାଞ୍ଚକୁ ମିଳିପାରିନି ଚେର

### ଜାମିନରେ ୪ ଅଭିଯୁକ୍ତ, ଆରମ୍ଭ ହୋଇନି ବିଚାର

ବ୍ରହ୍ମପୁର,୨୪।୭ (ସୁବାସ ଚନ୍ଦ୍ର ପାଢ଼ୀ)

କ୍ରାଇମ୍ ସିଟିର ଦୁର୍ନାମ ମୁଣ୍ଡାଇଥିବା ବ୍ରହ୍ମପୁର ସହରରେ ଅଣ୍ଡର୍ ୱାର୍ଲ୍ଡ ଡନ୍ ଛୋଟା ରାଜନ ଲିଙ୍କ୍ ମିଳିଥିଲା। ବିଦେଶରୁ ଆସୁଥିବା ଫୋନ୍ କଲକୁ ସିମ୍‌ବକ୍ସ ଜରିଆରେ ଲୋକାଲ୍ କଲରେ ପରିବର୍ତ୍ତନ କରି ବଟି ମଗାଯାଉଥିଲା। ମୁମ୍ବାଇ କ୍ରାଇମବ୍ରାଞ୍ଚରୁ ସୂଚନାପାଇ ବ୍ରହ୍ମପୁର ପୋଲିସ ୨୦୧୭ ଜୁଲାଇରେ ଏହି ହାଇପ୍ରୋଫାଇଲ୍ ସାଇବର୍ ଅପରାଧର ପର୍ଦ୍ଦାଫାସ୍ କରିଥିଲା। ରାକେଟର ସଦସ୍ୟମାନେ ରାଜନ୍ ଲିଙ୍କରେ ଥିବା ନେଇ ପ୍ରମାଣ ମଧ୍ୟ ମିଳିଥିଲା। ପୋଲିସ ସେ ସମୟରେ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଓଡ଼ିଶାରେ ଏହା ପ୍ରଥମ ଘଟଣା ହୋଇଥିବାରୁ କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତଭାର ନେଇଥିଲା। ହେଲେ ର୍ୟାକେଟର ଚେର କୁଆଡ଼େ ଲମ୍ବିଛି ସେ ନେଇ କ୍ରାଇମବ୍ରାଞ୍ଚ ଟିମ୍ ଏ ପର୍ଯ୍ୟନ୍ତ କୌଣସି ଠୋସ୍ ତଥ୍ୟ ପ୍ରମାଣ ପାଇପାରିନାହିଁ। ୪ ଅଭିଯୁକ୍ତ ଏବେ ଜାମିନରେ ଥିବାବେଳେ କ୍ରାଇମବ୍ରାଞ୍ଚ ଚାର୍ଜଶିଟ୍ ଦାଖଲ କରି ସାରିଛି। କିନ୍ତୁ ମାମଲାର ବିଚାର ଆରମ୍ଭ ହୋଇନାହିଁ।

ମୁମ୍ବାଇର ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କୁ ମୋବାଇଲ ଫୋନ୍ ଜରିଆରେ ଜଣେ ବ୍ୟକ୍ତି ୨କୋଟି ଟଙ୍କା ବଟି ମାଗିଥିଲେ। ଫୋନ୍ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ଅଣ୍ଡର୍ ୱାରଲ୍ଡ ଡନ୍ ବୋଲି ପରିଚୟ ଦେଇଥିଲେ। ବ୍ୟବସାୟୀ ଜଣକ ଏ ସମ୍ପର୍କରେ ମୁମ୍ବାଇ କ୍ରାଇମବ୍ରାଞ୍ଚ ନିକଟରେ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚ ଫୋନ୍ କଲ୍ ଯାଞ୍ଚ କରିବାରୁ ତାହା ବ୍ରହ୍ମପୁର ସହରରୁ ଆସିଥିବା ଜଣାପଡ଼ିଥିଲା। ମୁମ୍ବାଇ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ପୋଲିସ ସହିତ ଯୋଗାଯୋଗ କରିବା ପରେ ୨୦୧୭ ଜୁଲାଇରେ ତନାଘନା ଆରମ୍ଭ ହୋଇଥିଲା। ସେପଟେ ମୁମ୍ବାଇ ପୋଲିସ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଫୋନ୍ କରିଥିବା ବ୍ୟକ୍ତିଙ୍କୁ ଧରିଥିଲା। ତାଙ୍କ ଘର ଗଞ୍ଜାମ ଜିଲା ରମ୍ଭା ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ ମୁମ୍ବାଇରେ ରହୁଥିଲେ। ତାଙ୍କୁ ଜେରା କରାଯିବାରୁ ହଙ୍ଗକଙ୍ଗରୁ ଫୋନ୍ କରାଯାଇଥିବା ଜଣାପଡ଼ିଥିଲା। ଏହି ଫୋନ୍ ଅଣ୍ଡର୍ ୱାରଲ୍ଡ ଡନ୍ ରାଜନ୍ ଗ୍ୟାଙ୍ଗର ସଦସ୍ୟ ସୁରେଶ ପୂଜାରୀର ଇଙ୍ଗିତ କରାଯାଇଥିବା ମୁମ୍ବାଇ କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଥିଲା। ହେଲେ ବିଦେଶରୁ ଆସିଥିବା ଫୋନ୍ କଲକୁ ପରିବର୍ତ୍ତନ କରାଯାଇ ଲୋକାଲ୍ କଲ୍ କରାଯାଇଥିଲା। ସେହି କଲ୍ ବ୍ରହ୍ମପୁରରୁ ଯାଇଥିବା ମୁମ୍ବାଇ କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଥିଲା। ବ୍ରହ୍ମପୁର ପୋଲିସ ରମ୍ଭା ଅଞ୍ଚଳର ସମ୍ପୃକ୍ତ ଯୁବକଙ୍କ ଲିଙ୍କରେ ଥିବା ଲୋକଙ୍କ ରେକର୍ଡ଼ ଯାଞ୍ଚ କରିଥିଲା। ଅଧିକ ଖୋଳତାଡ଼ ପରେ ୨୦୧୭ ଜୁଲାଇ ୮ରେ ସିମବକ୍ସ ରାକେଟ୍ କାରବାର ଚଳାଉଥିବା ଗ୍ୟାଙ୍ଗକୁ ଠାବ କରାଯାଇଥିଲା। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଉତ୍କଳ ଆଶ୍ରମ ରୋଡ଼ରେ ଥିବା ଏସ୍- ୱାରଲ୍ଡ ନାମକ ଏକ କମ୍ପ୍ୟୁଟର୍ ଦୋକାନରେ ଏହି କାରବାର ଚାଲିଥିଲା। ଚାଇନାରୁ ୫ଟି ସିମବକ୍ସ ଆଣି ବିଦେଶରୁ ଆସୁଥିବା କଲକୁ ଲୋକାଲ୍ କରାଯାଉଥିଲା।

୫ଟି ସିମବକ୍ସ ମଧ୍ୟରୁ ୩ଟି ବ୍ରହ୍ମପୁରରୁ ଜବତ ହୋଇଥିବା ବେଳେ ୨ଟି ଆସିକାରୁ ଜବତ ହୋଇଥିଲା। ସିଙ୍ଗାପୁର, ଦୁବାଇ, ଚାଇନାରୁ ଆସୁଥିବା କଲଗୁଡ଼ିକ ପରିବର୍ତ୍ତନ କରି କମିଶନ୍ ଆକାରରେ ଏମାନେ ଟଙ୍କା ରୋଜଗାର କରୁଥିଲେ। ପରେ ଭୁବନେଶ୍ୱର, ରାଉରକେଲା, ପୁରୀରେ ମଧ୍ୟ ଏମିତି ସିମ୍ ବକ୍ସ ରହିଥିବା ଜଣାପଡ଼ିଥିଲା। କିନ୍ତୁ କ୍ରାଇମବ୍ରାଞ୍ଚ ତାହା ଜବତ କରିଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ବ୍ରହ୍ମପୁରରୁ ଜବତ ହୋଇଥିବା ସିମବକ୍ସ ହାଇଦ୍ରାବାଦର ଜଣେ ଚାଇନା ଏଜେଣ୍ଟ ଠାରୁ କ୍ରୟ କରାଯାଇଥିଲା। ଅଧିକ ଜେରା ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇଥିଲା। ମୁମ୍ବାଇର ଥାନେରୁ ଆସିଥିବା କ୍ରାଇମବ୍ରାଞ୍ଚ ଟିମ୍ ମଧ୍ୟ ଅଭିଯୁକ୍ତଙ୍କୁ ଜେରା କରିଥିଲା। ଘଟଣାର ୬ ବର୍ଷ ପରେ ବି ତଦନ୍ତରେ କୌଣସି ପ୍ରକାର ଆଖିଦୃଶିଆ ଅଗ୍ରଗତି ପରିଲକ୍ଷିତ ହୋଇନାହିଁ। ଅଭିଯୁକ୍ତମାନେ ଘଟଣାର ପ୍ରାୟ ୧ବର୍ଷ ପରେ ହାଇକୋର୍ଟରୁ ଜାମିନରେ ବାହାରିଥିଲେ। ତେବେ ଏହି କାରବାରର ଚେର ଆଉ କେଉଁଆଡ଼େ ଲମ୍ବିଛି ଓ ଏଥିରେ ଆଉ କାହାର ସମ୍ପୃକ୍ତି ରହିଛି, ବର୍ତ୍ତମାନ ସୁଦ୍ଧା ତାହା ରହସ୍ୟ ଘେରେ ରହିଛି। ବର୍ତ୍ତମାନ ସିମବକ୍ସ ସାଇବର୍ ଠକଙ୍କ ବଡ଼ ଅସ୍ତ୍ର ପାଲଟିଛି। ଏହି ସିମବକ୍ସ ଜରିଆରେ ସାଇବର୍ ଅପରାଧୀ ଫେକ୍ କଲ୍ ଓ ଏସ୍ଏମ୍ଏସ୍ ଜରିଆରେ ଲୋକଙ୍କ ବ୍ୟାଙ୍କ ତଥ୍ୟ ନେଇ ଆକାଉଣ୍ଟ ସଫା କରି ଦେଉଛନ୍ତି। ସିମବକ୍ସ ଜରିଆରେ କଲ୍ ଓ ଏସ୍ଏମ୍ଏସ୍ ଆସୁଥିବାରୁ ନମ୍ବରକୁ ଟ୍ରାକ୍ କରିବା କଷ୍ଟକର ବ୍ୟାପାର।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ଦେବାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ସିପିଆଇ ପକ୍ଷରୁ ମଣିପୁର ସଂହତି ଦିବସ। ସ୍ଥାନ-ପୁରୁଣା ବସ୍‌ଷ୍ଟାଣ୍ଡ। ସମୟ-ପୂର୍ବାହ୍ନ ୧୧ଟା।

**ଭଞ୍ଜନଗର**

- ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ସ୍ଥାନ-ଉପଜିଲାପାଳଙ୍କ କାର୍ଯ୍ୟାଳୟ। ସମୟ- ଅପରାହ୍ନ ୪ଟା।

## ସଂକ୍ଷେପରେ

### ବିଦ୍ୟାଳୟ ବିକାଶ ନିମନ୍ତେ ୯ ଲକ୍ଷ ମଞ୍ଜୁର

ଦିଗପହଣ୍ଡି,୨୪।୭(ଅଶେଷନାଥ ମିଶ୍ର)- ରାଜ୍ୟ ସରକାର ମୋ ସ୍କୁଲ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ସୋମବାର ଦିଗପହଣ୍ଡି ବ୍ଲକ ଗଡଗୋବିନ୍ଦପୁରର ନୋଡାଲ ଉଚ୍ଚ ବିଦ୍ୟାଳୟ ଓ କଳିଙ୍ଗଦଳା ଗ୍ରାମ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ସାହୁ ପହଞ୍ଚି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ଅଭାବ ଅସୁବିଧା ବୁଝି ସ୍ଥାୟୀ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଗଡଗୋବିନ୍ଦପୁର ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବିକ୍ରମ କେଶରୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ରବା ପାଇକ, ସିଆର୍‌ସିସି ରବୀନ୍ଦ୍ର ମହାରଣା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏଚ୍. କୁରେଶୁ ରେଡ୍ଡୀ, ଶିକ୍ଷାବିତ ତ୍ରିନାଥ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ୨୬୪ ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ବଣ୍ଟନ କରାଯାଇଥିଲା। ସେହିପରି କଳିଙ୍ଗଦଳା ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଚନ୍ଦ୍ରାଶ ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ସରପଞ୍ଚ ଅତିଥି ହୋଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧୋବା ବେହେରାଙ୍କ ଉପସ୍ଥିତିରେ ପିଲାଙ୍କୁ ପୋଷାକ ଓ ଜୋତା ବିତରଣ କରାଯାଇଥିଲା। ପରିଶେଷରେ ସରପଞ୍ଚ ଉପସ୍ଥିତ ଅଭିଭାବକମାନଙ୍କୁ ମୋ ସ୍କୁଲ କାର୍ଯ୍ୟକ୍ରମ ସମ୍ପର୍କରେ କହିବା ସହ ପଞ୍ଚାୟତ ପକ୍ଷରୁ ଉଭୟ ବିଦ୍ୟାଳୟର ବିକାଶ ନିମନ୍ତେ ୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ପ୍ରକାଶ କରିଥିଲେ।



ଶ୍ରାବଣ ମାସରେ ବି ଗଞ୍ଜାମ ଜିଲା ଶେରଗଡ଼ ବ୍ଲକରେ ଥିବା ନନ୍ଦିନୀ ନଦୀ ଶୁଖିଲା ପଡ଼ିଛି। (ଫଟୋ: ସୂର୍ଯ୍ୟନାରାୟଣ ଦାଶ)

## ନନ୍ଦିନୀରେ ପାଣି ନାହିଁ, ଚାଷ କାର୍ଯ୍ୟ ଠପ୍

**ଶେରଗଡ, ୨୪।୭(ସୂର୍ଯ୍ୟନାରାୟଣ ଦାଶ):** ଚଳିତବର୍ଷ ଶେରଗଡ ବ୍ଲକରେ ନିଅଣ୍ଟିଆ ବର୍ଷା ହୋଇଛି। ଶ୍ରାବଣ ମାସ ସରିବାକୁ ବସିଲାଣି, ଅଥଚ ଚାଷ କାର୍ଯ୍ୟ ଆରମ୍ଭ ହୋଇନାହିଁ। କେବଳ ତଳି ବଞ୍ଚିଛି। ଚାଷୀ ହାତ ଟେକି ବସିଛି। ଯଦି ବର୍ଷା ନ ହୁଏ ତେବେ ଚାଷ କାର୍ଯ୍ୟ କେମିତି ହେବ। ସେପଟେ ନନ୍ଦିନୀ ନଦୀରେ ପାଣି ନାହିଁ। ଶ୍ରାବଣ ମାସରେ ନନ୍ଦିନୀରେ ପାଣି ଭରପୂର ରହିବା କଥା। କିନ୍ତୁ ଚଳିତ ବର୍ଷ ଯେଉଁ ଅବସ୍ଥା ହୋଇଛି ଗତ ଦଶ ବର୍ଷରେ ଏହା ପ୍ରଥମ ବୋଲି ଅଞ୍ଚଳବାସୀ କହିଛନ୍ତି। ନନ୍ଦିନୀ ନଦୀକୁ ହରଭଙ୍ଗା କେନାଲ ସହିତ ସଂଯୋଗ କରାଯିବା ନେଇ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ଜଳସେଚନ ବିଭାଗ ଦୃଷ୍ଟି ଦେଉନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ଯୁବକଙ୍କ ମୁଣ୍ଡ ଉପରେ ମାଡ଼ିଗଲା ଗାଡ଼ି

ବ୍ରହ୍ମପୁର, ୨୪।୭ ( ସୁବାସ ଚନ୍ଦ୍ର ପାଢ଼ୀ)

ଗୋଶାଣିନୂଆଗାଁ ଥାନା ଅନ୍ତର୍ଗତ ଅନ୍ଧପସରା ରୋଡରେ ସୋମବାର ସନ୍ଧ୍ୟା ପ୍ରାୟ ସାଢ଼େ ୫ଟା ସମୟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ହଳଦିଆପଦର ଗ୍ରାମର ନିରଞ୍ଜନ ପାଣିଗ୍ରାହୀ (୩୦) ବୋଲି ଟ୍ରାଫିକ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ନିରଞ୍ଜନ ହୋଣ୍ଡା ଏକ୍ଟିଭା ଧରି ବ୍ରହ୍ମପୁରରେ ପଢୁଥିବା ତାଙ୍କ ଝିଅାରୀଙ୍କୁ ଆଣିବା ପାଇଁ ଯାଉଥିଲେ। ଅନ୍ଧପସରା ରୋଡରେ ସମ୍ମୁଖ ପଟୁ ଏକ ଟ୍ରକ ଆସି ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ନିରଞ୍ଜନ ଗାଡ଼ିରୁ ଛିଟିକି ରାସ୍ତା ଉପରେ ପଡ଼ି ଯିବା ପରେ ଉକ୍ତ ଗାଡ଼ିର ଚକା ତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରିଛି। ମୃତ ନିରଞ୍ଜନଙ୍କ ସାନଭାଇ ଶିବଶଙ୍କର ପାଣିଗ୍ରାହୀଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ମାମଲା ରୁଜୁ କରିଛି। ଏକ ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଥିବା ପୋଲିସ ଜାଣିବାକୁ ପାଇଛି। ସନ୍ଧ୍ୟା ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ଘଟଣା ପରେ ଫେରାର ହୋଇଯାଇଥିବା ଗାଡ଼ି ଚାଳକଙ୍କ ବେପରୁଆ ଗାଡ଼ି ଚାଳାଣ ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି। ଚାଳକଙ୍କୁ ଧରିବା ପାଇଁ ପୋଲିସ ଅନ୍ଧପସରା ରୋଡରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଥିବା କହିଛି।

# ଲିଫ୍ଟ ଅଚଳ: ସିଟି ହସ୍ପିଟାଲରେ ରୋଗୀ ହନ୍ତସନ୍ତ

ବ୍ରହ୍ମପୁର,୨୪।୭ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଳୟ ସିଟି ହସ୍ପିଟାଲରେ ୩ ଦିନ ହେଲା ଲିଫ୍ଟ ଅଚଳ ହୋଇ ରହିଛି। ନୂତନ କୋଠାର ଲିଫ୍ଟ ଅଚଳ ହେବା ଦ୍ୱାରା ରୋଗୀ ହନ୍ତସନ୍ତ ହେଉଛନ୍ତି। ୫ ମହଲା ବିଶିଷ୍ଟ ଏହି କୋଠାରେ ଦୁଇଟି ଲିଫ୍ଟ ଥିବା ବେଳେ ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ଦ୍ୱିତୀୟ ମହଲାରେ ରହିଛି। ଗର୍ଭବତୀମାନେ ଲିଫ୍ଟରେ ଉପର ମହଲାକୁ ଯାଉଥିଲେ। ୩ ଦିନ ହେଲା ଲିଫ୍ଟ ଅଚଳ ହୋଇଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସିଡି ଚଢ଼ି ପ୍ରଥମ ମହଲାକୁ ଯିବାପରେ ଚିକିତ୍ସା ହୋଇପାରୁଛନ୍ତି। ରବିବାର ୯ମାସର ଗର୍ଭବତୀ ପାର୍ବତୀ ବେହେରାଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ସିଟି ହସ୍ପିଟାଲ୍ ଆସିଥିଲେ। ସେ ଚାଲିବାକୁ ସକ୍ଷମ ହୋଇ ପାରୁ ନ ଥିଲେ ମଧ୍ୟ ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ପରିବାର ଲୋକେ ଓ ଆଶା କର୍ମୀ ତାଙ୍କୁ ଧରି ସିଡିରେ ସ୍ତ୍ରୀ ଓ ପ୍ରସୂତି ବିଭାଗକୁ ନେଇଥିଲେ। ପ୍ରସବ ପରେ ସମସ୍ତ ରୋଗୀଙ୍କୁ ହସ୍ପିଟାଲରେ ଥିବା ର୍ୟାମ୍ପରେ ଷ୍ଟ୍ରେଚର ଜରିଆରେ ୱାର୍ଡକୁ ଅଣାଯାଉଛି। ଫଳରେ ପ୍ରସୂତି ଯନ୍ତ୍ରଣା ଭୋଗୁଛନ୍ତି। ତୁରନ୍ତ ଲିଫ୍ଟ ମରାମତି କରିବାକୁ ରୋଗୀ ସମ୍ପର୍କୀୟ ଦାବି କରିଛନ୍ତି। ଏ ନେଇ ସିଟି ହସ୍ପିଟାଲ୍ ସୁପରିଣ୍ଟେଣ୍ଡେଣ୍ଟ ଡା.ବିଶ୍ୱମ୍ଭର ବେହେରାଙ୍କୁ ପଚାରିବାରୁ ଯାନ୍ତ୍ରିକ ତ୍ରୁଟି କାରଣରୁ ଲିଫ୍ଟ ବନ୍ଦ ଅଛି। ସମସ୍ତ ରୋଗୀଙ୍କୁ ର୍ୟାମ୍ପରେ ଷ୍ଟ୍ରେଚର ସାହାଯ୍ୟରେ ଆଣିବାକୁ କୁହାଯାଉଛି। ଦୁଇଦିନ ଭିତରେ ଲିଫ୍ଟ ମରାମତି କରାଯିବ ବୋଲି ସେ କହିଛନ୍ତି।

## ସାଉଥ ଡିଏଫ୍‌ଓ ହେଲେ ବିନୋଦ ଆଚାର୍ଯ୍ୟ

ଭଞ୍ଜନଗର,୨୪।୭(ବାବୁଲା ପ୍ରଧାନ)

ଭୁବନେଶ୍ୱର ପିସିସିଏଫ (ବନ୍ୟପ୍ରାଣୀ) କାର୍ଯ୍ୟାଳୟରେ ଡେପୁଟି ସିଏଫ୍ ଭାବେ କାର୍ଯ୍ୟରତ ଥିବା ବିନୋଦ ଆଚାର୍ଯ୍ୟଙ୍କୁ ସୋମବାର ଭଞ୍ଜନଗର ସ୍ଥିତ ଦକ୍ଷିଣ



ଘୁମୁସର ବନଖଣ୍ଡ କାର୍ଯ୍ୟାଳୟକୁ ଡିଏଫଓ ଭାବେ ବଦଳି ହୋଇଛି। ପ୍ରାୟ ୩ ମାସ ହେବ ଉକ୍ତ ପଦବୀ ଖାଲି ପଡିଥିଲା। ଆଚାର୍ଯ୍ୟଙ୍କ ନିଯୁକ୍ତିକୁ ପରିବେଶ ପ୍ରେମୀମାନେ ସ୍ୱାଗତ କରିଛନ୍ତି। ଆଚାର୍ଯ୍ୟ ଏହା ପୂର୍ବରୁ ଚିଲିକା ଡିଭିଜନ, ଭୁବନେଶ୍ୱର, ରାଜନଗର ଏବଂ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ବିଭିନ୍ନ ପଦ ପଦବୀରେ ଥିବା ସମୟରେ ସଫଳତାର ସହ ନିଜ କାର୍ଯ୍ୟ ତୁଲାଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ମଧ୍ୟ ହୋଇଥିଲେ। ଏଥିସହ ଫୁଲବାଣୀ କେନ୍ଦୁପତ୍ର ଡିଭିଜନ ଅତିରିକ୍ତ ଦାୟିତ୍ୱ ବଉଦ କେନ୍ଦୁପତ୍ର ଡିଏଫ୍‌ଓ ସୁଦର୍ଶନ ବାଦି ତୁଲାଇବେ। ଫୁଲବାଣୀ କେନ୍ଦୁପତ୍ର ଡିଭିଜନ ଅଧୀନରେ ଭଞ୍ଜନଗର କେନ୍ଦୁପତ୍ର ଅଞ୍ଚଳ ଆସୁଛି। ଆହୁରି ୯ ଜଣ ଡିଏଫ୍‌ଓଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନକୁ ବଦଳି ହୋଇଛି।

## ଏଏସ୍ଆଇ ପଦୋନ୍ନତି ପାଇଥିବା ୨୬ଜଣଙ୍କୁ ନିଯୁକ୍ତି

ବ୍ରହ୍ମପୁର,୨୪।୭ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲାରେ କନଷ୍ଟେବଲରୁ ପଦୋନ୍ନତି ପାଇ ଏଏସ୍ଆଇ ହୋଇଥିବା ୨୬ଜଣଙ୍କୁ ଥାନାରେ ନିଯୁକ୍ତି ମିଳିଛି। ନିର୍ଦ୍ଦେଶନାମା ସଂଖ୍ୟା ୧୩୮୪ ଅନୁସାରେ ଏହି ଏଏସ୍ଆଇଙ୍କୁ ବିଭିନ୍ନ ଥାନାରେ ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍. ନିଯୁକ୍ତି ଦେଇଛନ୍ତି। ଏଏସ୍ଆଇ ପଦୋନ୍ନତି ପାଇବା ପରେ ସେମାନେ ତାଲିମ୍ ନେଇ ବ୍ରହ୍ମପୁର ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଥିଲେ। ପ୍ରଶାନ୍ତ କୁମାର ଡାକୁଆଙ୍କୁ ଗୋପାଳପୁର ଥାନା ଅଧୀନ ଟୁରିଷ୍ଟ ସେଲ୍, ପ୍ରଶାନ୍ତ କୁମାର ପରିଚ୍ଛା, ମାନସ ରଞ୍ଜନ ମହାପାତ୍ର, ସୁନିଲ କୁମାର ପରିଡ଼ା, ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ବଡ଼ବଜାର ଥାନା, ତାରକେଶ୍ୱର ରାଓଙ୍କୁ କେ.ନୂଆଗାଁ, ଦେବରାଜ ମଲ୍ଲିକ ଓ ଲକ୍ଷ୍ମୀକାନ୍ତ ପ୍ରଧାନଙ୍କୁ ସଦର ଥାନା, ରାମମୋହନ ଦାଶଙ୍କୁ ବୈଦ୍ୟନାଥପୁର ଥାନା କମାପଲ୍ଲୀ ତଥା ନୂଆବସ୍‌ଷ୍ଟାଣ୍ଡ ଫାଣ୍ଡି, ବିଜୟ କୁମାର ସୁନାସୋଗଡ ଓ ଅନନ୍ତ ନାରାୟଣ ନାୟକଙ୍କୁ ବୈଦ୍ୟନାଥପୁର ଥାନା, ଅମୂଲ୍ୟ ରତ୍ନ ସ୍ୱାଲସିଂ ଓ ରଞ୍ଜିତ କୁମାର ରାଉଳଙ୍କୁ ଗୋସାଇଁନୂଆଗାଁ ଥାନା, ସନ୍ତୋଷ କୁମାର ପଟ୍ଟନାୟକ, ସଦାନନ୍ଦ ପ୍ରଧାନ, ଦେବରଞ୍ଜନ ସାହୁଙ୍କୁ ନିମଖଣ୍ଡି ଥାନା, କୃଷ୍ଣଚନ୍ଦ୍ର ଭୂୟାଁଙ୍କୁ ଜରଡ଼ା, ଅଶୋକ କୁମାର ସାସମଲ ଓ ମନୋଜ କୁମାର ପ୍ରଧାନଙ୍କୁ ଟାଉନ୍ ଥାନା, ରାମଚନ୍ଦ୍ର ମୁଦୁଲି ଓ କୃତୀବାସ ସାହୁଙ୍କୁ ଗୋଲନ୍ଥରା, ସାରଦା ପ୍ରସନ୍ନ ଜେନାଙ୍କୁ ଟ୍ରାଫିକ୍, ମିନତି ପ୍ରସାଦ ମିଶ୍ରଙ୍କୁ ଟାଉନ୍ ଏସଡିପିଓ ଅଫିସ, ମନୋଜ ସିଂ ଓ ଝୁନୁ ମାଝୀଙ୍କୁ ଦିଗପହଣ୍ଡି ଥାନାରେ ନିଯୁକ୍ତି ମିଳିଛି। ନୂତନ ଅଧିକାରୀମାନେ ଥାନାରେ ଦାୟିତ୍ୱ ନେବା ପରେ ଅପରାଧ ନିୟନ୍ତ୍ରଣ କରିବାରେ କାର୍ଯ୍ୟ କରିବେ।

# ଆବାସ ଯୋଜନାରୁ ବାଦ, ବ୍ଲକ ସମ୍ମୁଖରେ ହୋହାଲ୍ଲା

ଶେରଗଡ, ୨୪।୭ (ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମର ୧୫ ପରିବାରକୁ ଆବାସ ଯୋଜନାରେ ଘର ନ ମିଳିବାରୁ ବ୍ଲକ ସମ୍ମୁଖରେ ହୋ ହାଲ୍ଲା କରିଛନ୍ତି। ସେମାନଙ୍କ ଅଭିଯୋଗ, ଗ୍ରାମର ମୋଟ ୧୯ ଜଣଙ୍କ ଆବାସ ଯୋଜନାରେ ଘର ହେବା ତାଲିକା ଆସିଥିଲା। ମହୁପଦର ପଞ୍ଚାୟତର ଗ୍ରାମସେବକ ୪ ଜଣଙ୍କୁ ଅଗ୍ରିମ ଟଙ୍କା ଦେଇଥିବା ବେଳେ ଅନ୍ୟ ୧୫ ଜଣ ପରିବାରକୁ କୌଣସି ଅର୍ଥ ଦିଆଯାଇନାହିଁ। ଗ୍ରାମସେବକ ରାମକୃଷ୍ଣ କହିଛନ୍ତି, ଘରବାରି ପଟା ନଥିବାରୁ ଅର୍ଥ ପଠାଯାଇ ନାହିଁ।



ହିତାଧିକାରୀମାନେ ବ୍ଲକ ସମ୍ମୁଖରେ ହୋହାଲ୍ଲା କରୁଛନ୍ତି।

୧୫ଜଣ ପରିବାରର ସଦସ୍ୟମାନେ କହିଛନ୍ତି, ଗ୍ରାମର ଜମି ବନ୍ଦୋବସ୍ତ ପ୍ରକ୍ରିୟା ଚାଲିଛି। ୪ଜଣ କିପରି ପଟା ଦାଖଲ କଲେ ବୋଲି ପଚାରିଥିଲେ। କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ସିଧା ବିଡିଓଙ୍କ କାର୍ଯ୍ୟାଳୟକୁ ଆସି ହୋହାଲ୍ଲା କରିଛନ୍ତି। ବିଡିଓ ଶିବାଶିଷ ବରାଳ ତଦନ୍ତ କରି ଆବାସ ଯୋଜନାର ଘର ଯୋଗାଇ ଦିଆଯିବ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

**ଛତ୍ରପୁର,୨୪।୭(ସନ୍ତୋଷ ପାଢ଼ୀ):** ଛତ୍ରପୁର ଥାନା ଅନ୍ତର୍ଗତ ଚିକଲଖଣ୍ଡି ଗାଁ ନିକଟରେ ଏକ ଗଛରୁ ପୋଲିସ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ଆଇଆଇସି ସତ୍ୟ ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ମୃତଦେହଟି ପଚି ନଷ୍ଟ ହୋଇଯାଇଛି। ବ୍ୟକ୍ତି ଜଣକ ବେକରେ ଦଉଡି ବାନ୍ଧି ଗଛରେ ଝୁଲି ପଡ଼ିଥିବା ସନ୍ଦେହ କରାଯାଉଛି। ପୋଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ନେଇ ତଦନ୍ତ କରାଯାଇଥିଲେ ମଧ୍ୟ କୌଣସି ସୁରାକ ମିଳିନି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ବୁଦ୍ଧିଜୀବୀ।

ଛତ୍ରପୁର, ୨୪।୭ (ସନ୍ତୋଷ ପାଢ଼ୀ)

ଛତ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସଭାପତି ପଦେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ହିନ୍ଦୁ ଜୀବନ ଶୈଳୀରେ ବୈଜ୍ଞାନିକତା ବିଷୟକୁ ନେଇ ଆଲୋଚନା ହୋଇଥିଲା। ଆଲୋଚକ ଭାବେ ଭାଗବତ ଭାସ୍କର ଜଗନ୍ନାଥ ପଣ୍ଡା, ତରୁଣ ସନ୍ନ୍ୟାସୀ ଅନୁରାଗ ଚୈତନ୍ୟ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଉପଦେଷ୍ଟା ଦିବ୍ୟଜୀବନ ସଂଘ, ଛତ୍ରପୁର ଶାଖା ରଜନୀକାନ୍ତ ପଟ୍ଟନାୟକ, କବି ପ୍ରଶାନ୍ତ ଶତପଥୀ, ପଣ୍ଡିତ ସରୋଜ ଶତପଥୀ, ଛତ୍ରପୁର ସଂକୁଳ ସଂଯୋଜକ ଶିକ୍ଷକ କୁର୍ମା ରାଓ, ଗୀତା ପ୍ରଚାରକ ସ୍ୱସ୍ତି ସୁନ୍ଦର ସିଅ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ମନୋରଞ୍ଜନ ଦାଶ, ସୁକାନ୍ତ ସାହୁ ସଂଯୋଜନା କରିଥିବା ବେଳେ ଆଚାର୍ଯ୍ୟ ଦୀପକ କୁମାର ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

# ମୁକ୍ତା ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

ଗଞ୍ଜାମ,୨୪।୭ (ବିଦ୍ୟାଧର ସାହୁ)

ଗଞ୍ଜାମ ଏନଏସି କାର୍ଯ୍ୟାଳୟ ସଭାଗୃହରେ ମୁକ୍ତା ଯୋଜନାରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନକୁ ନେଇ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ମୁକ୍ତା ଯୋଜନାରେ ମହିଳାମାନେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କିଛି କରିବା ସହିତ ମିଳିତ ଭାବରେ କିପରି ରୋଜଗାରକ୍ଷମ ହୋଇପାରିବେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ ପୌରହିତ୍ୟ କରିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ଏନଏସିକୁ ଆସିଥିବା ବିଭିନ୍ନ ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଉପାଧ୍ୟକ୍ଷ ସୁରେନ୍ଦ୍ର କୁମାର ବାରିକ ମଞ୍ଚାସୀନ ଥିଲେ। ଏହି ଅବସରରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏନଏସି ଆକାଉଣ୍ଟାଣ୍ଟ ଦୀପ୍ତି ରଞ୍ଜନ ପୃଷ୍ଟି, ସାନିଟେସନ ଏକ୍ସପର୍ଟ ସୁମିତ କୁମାର ବେହେରା, ମୁକ୍ତା ଯୋଜନା ଅଧିକାରୀ ଚିନ୍ମୟ ପୃଷ୍ଟି, କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡା, ସିଓ ସ୍ୱପ୍ନାରାଣୀ ମହାପାତ୍ରଙ୍କ ସମେତ ସମସ୍ତ ୱାର୍ଡ କାଉନସିଲର, ଏନଏସି କର୍ମଚାରୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ଉପସ୍ଥିତ ଥିଲେ।




କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି ବିଧାୟକ।

